# NATIONAL NEWS BULLETIN (ODIA)

## 28 June - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଶାନ୍ତି, ସେବା ଓ ମାନବିକତା ଭଳି ଭାରତର ବହୁ ପୁରାତନ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ।
- ଯେକୌଣସି ସମ୍ବିଧାନର ମୁଖବନ୍ଧ ଏହାର ଆତ୍ମା ସଦୃଶ ଓ ଏହା ପରିବର୍ତ୍ତନଶୀଳ ନୁହେଁ ବୋଲି ଉପରାଷ୍ଟ୍ରପତିଙ୍କ ମତବ୍ୟକ୍ତ ।
- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଦେଶବାସୀଙ୍କ ସହ କରିବେ ଭାବବିନିମୟ ।
- ପାଞ୍ଚ ବର୍ଷରୁ କମ୍ ଶିଶୁ ମୃତ୍ୟୁହାର' ବିଶ୍ୱସ୍ତର ଠାରୁ ୧୭ ପ୍ରତିଶତ ଅଧିକ ହ୍ରାସ ପାଇଛି ଭାରତରେ ।

ଏବଂ

- ୟୁକ୍ରେନ୍ ସହ ପୁନଃ ପ୍ରତ୍ୟକ୍ଷ ଶାନ୍ତି କଥାବାର୍ତ୍ତା ଲାଗି ମସ୍କୋ ପ୍ରସ୍ତୁତ ବୋଲି ରୁଷ ରାଷ୍ଟ୍ରପତିଙ୍କ ସୂଚନା ।

# ପିଏମ୍-ଆଚାର୍ଯ୍ୟ

ବିକାଶ ଓ ଐତିହ୍ୟ ଉଭୟକୁ ପ୍ରାଥମିକତା ଦେଇ ଦେଶ ପ୍ରଗତି ଦିଗରେ ଅଗ୍ରଗତି କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଆଚାର୍ଯ୍ୟ ବିଦ୍ୟାନନ୍ଦ ଜୀ ମହାରାଜଙ୍କ ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଦେଶର ଐତିହ୍ୟ ସ୍ଥଳୀ ଏବଂ ତୀର୍ଥ ସ୍ଥାନ ଗୁଡ଼ିକୁ ବିକଶିତ କରିବା ଦିଗରେ ତାଙ୍କ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ଏତଦ୍‌ବ୍ୟତୀତ ପ୍ରକ୍ରିତ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯିବା ସହ ଭାରତର ପୁରାତନ ପାଣ୍ଡୁଲିପି ଗୁଡ଼ିକୁ ଡିଜିଟାଇଜ୍ କରିବା ଦିଗରେ ତାଙ୍କ ସରକାର ଏକ ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅବସରରେ ଉପନିବେଶବାଦ ମନୋଭାବରୁ ଦେଶକୁ ମୁକ୍ତ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

**V/O-PM-ON-EDU-AND-CULTURE**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସର୍ବଦା ଶାନ୍ତି, ସେବା ଓ ମାନବିକତାର ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇ ଆସୁଛି । ଏହାକୁ ଆଧାର କରି ତାଙ୍କ ସରକାର ପି.ଏମ୍. ଆବାସ ଯୋଜନା, ଜଳଜୀବନ

ମିଶନ୍, ଆୟୁଷ୍ମାନ୍ ଭାରତ ଯୋଜନା ହେଉ କିମ୍ବା  ଗରିବ ଲୋକଙ୍କୁ ମାଗଣାରେ ଖାଦ୍ୟ ଶସ୍ୟ ପ୍ରଦାନ କରିବା ଆଦି ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ସମାଜର ଶେଷ ଧାଡ଼ିର ଲୋକ ପ୍ରତି ସେବା ମନୋଭାବ ପୋଷଣ କରିବା ସହିତ ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଯେଭଳି ସେଠାରେ ପହଞ୍ଚିପାରିବ ସେ ଦିଗରେ କେନ୍ଦ୍ର ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O-PM—SERVICE**

# ଭାଇସ୍ ପ୍ରେସିଡେଣ୍ଟ

ଯେକୌଣସି ସମ୍ବିଧାନର ମୁଖବନ୍ଧ ଏହାର ଆତ୍ମା ସଦୃଶ ଏବଂ ଏହା ପରିବର୍ତ୍ତନଶୀଳ ନୁହେଁ ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଏକ ପୁସ୍ତକ ଉନ୍ମୋଚନ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଧନଖଡ଼ କହିଛନ୍ତି, ଭାରତ ବ୍ୟତୀତ ଅନ୍ୟ କୌଣସି ସମ୍ବିଧାନର ମୁଖବନ୍ଧରେ ପରିବର୍ତ୍ତନ କରାଯାଇ ନାହିଁ ।  ମୁଖବନ୍ଧକୁ ଆଧାର କରି ସମ୍ବିଧାନକୁ ପ୍ରସ୍ତୁତ କରାଯାଇଥାଏ । ତେବେ ଜରୁରୀକାଳୀନ ପରିସ୍ଥିତି ସମୟରେ ଏଭଳି ପରିବର୍ତ୍ତନ ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହାଦ୍ୱାରା ଦେଶର

ହଜାର ହଜାର ବର୍ଷର ସଭ୍ୟତା ସମ୍ପର୍କିତ ସମ୍ବଳ ଓ ଜ୍ଞାନର ଦୂରୁପଯୋଗ କରାଯାଇଛି ବୋଲି ଶ୍ରୀ ଧନଖଡ଼ କହିଛନ୍ତି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତର ଏହା ହେବ ୧୨୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଅମିତ ଶାହା-ମନ୍ଥନ

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଚଳିତ ମାସ ଶେଷରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସମବାୟ ମନ୍ତ୍ରୀମାନଙ୍କ ମନ୍ଥନ ବୈଠକରେ ଅଧ୍ୟକ୍ଷତା କରିବେ । ଏହି ବୈଠକରେ ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ସହିତ ଏ ଦିଗରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଦିଗରେ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରାଯିବ ଏବଂ ସମସ୍ତ ପକ୍ଷଙ୍କ ମଧ୍ୟରେ ସୁ-ଚିନ୍ତିତ ମତାମତ ବିନିମୟ ହେବ । ବିଶେଷ କରି ଦେଶରେ ୨ ଲକ୍ଷ ନୂତନ ବହୁବିଧ ପ୍ରାଥମିକ କୃଷି ଋଣ ସମିତି ସ୍ଥାପନ କରିବା ଏବଂ ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟଚାଷ ସମବାୟ ସମିତି ଗୁଡ଼ିକର ଗ୍ରାମାଞ୍ଚଳ ସେବା ଉପଲବ୍ଧତାକୁ ଅଧିକ ସୁଦୃଢ଼ କରିବା ଉପରେ ଆଲୋଚନା କରାଯିବ । ଏହାଛଡ଼ା ଖାଦ୍ୟ ସୁରକ୍ଷା ଏବଂ ଚାଷୀଙ୍କ ସଶକ୍ତିକରଣ ଦିଗରେ ସମବାୟ କ୍ଷେତ୍ରରେ ବିଶ୍ୱର ସର୍ବବୃହତ ଶସ୍ୟ ଭଣ୍ଡାର ଯୋଜନା କାର୍ଯ୍ୟକାରୀ କରିବା ଉପରେ ମଧ୍ୟ ଏହି ମନ୍ଥନ ବୈଠକରେ ଆଲୋଚନା କରାଯିବ ।

# ପିଏମ୍-ଶୁଭାଂଶୁ ଶୁକ୍ଲା

ଏକ୍ସିଓମ୍-ଫୋର୍ ମିଶନ୍‌ରେ ସାମିଲ ହୋଇଥିବା ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହିତ ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀ ବାର୍ତ୍ତାଳାପ କରିଛନ୍ତି । ଗତ ବୁଧବାର ଦିନ ଯୁକ୍ତରାଷ୍ଟ୍ର ଆମେରିକାର ଫ୍ଲୋରିଡ଼ା ସ୍ଥିତ କେନେଡ଼ି ମହାକାଶ କେନ୍ଦ୍ରରୁ ଏହି ମିଶନ୍ ଆରମ୍ଭ ହୋଇଛି । ୧୯୮୪ ମସିହାରେ ସୋଭିଏତ୍ ମିଶନ୍‌ରେ ଭାରତର ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ମହାକାଶକୁ ଯାତ୍ରା କରିବାର ଚାରି ଦଶନ୍ଧି ପରେ କ୍ୟାପ୍‌ଟେନ୍ ଶୁକ୍ଲା ଦ୍ୱିତୀୟ ଭାରତୀୟ ମହାକାଶଚାରୀ ଭାବେ ଏଭଳି ମିଶନ୍‌ରେ ସାମିଲ ହୋଇଛନ୍ତି ।

## ଇଣ୍ଡିଆ-ଶିଶୁ ମୃତ୍ୟୁହାର

ପାଞ୍ଚ ବର୍ଷରୁ କମ୍ ଶିଶୁ ମୃତ୍ୟୁହାରରେ ଭାରତ ସଫଳତା ହାସଲ କରିଛି । ବିଶ୍ୱସ୍ତରରେ ଏହି ହାର ୬୧ ପ୍ରତିଶତ ହ୍ରାସ ପାଇଥିବା ବେଳେ ଭାରତରେ ୭୮ ପ୍ରତିଶତ କମିଛି ।  ମିଳିତ ଜାତିସଂଘର ଶିଶୁ ମୃତ୍ୟୁହାର ୨୦୨୪ ରିପୋର୍ଟ ଅନୁଯାୟୀ ନବଜାତକ ମୃତ୍ୟୁହାର ବିଶ୍ୱସ୍ତରରେ ୫୪ ପ୍ରତିଶତ କମିଥିବା ବେଳେ ଭାରତରେ ୭୦ ପ୍ରତିଶତ ହ୍ରାସ ପାଇଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଦେଶର ଅବହେଳିତବର୍ଗଙ୍କ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଟିକାକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସମେତ ସରକାରଙ୍କ ବିବିଧ ପଦକ୍ଷେପ ଯୋଗୁଁ ଏଭଳି ସଫଳତା ହାସଲ କରାଯାଇ ପାରିଛି । ବିଶ୍ୱ ଟିକାକରଣ କାର୍ଯ୍ୟକ୍ରମ

ଅଧୀନରେ ଭାରତରେ ବାର୍ଷିକ ୨ କୋଟି ୯୦ ଲକ୍ଷ ଗର୍ଭବତୀ ମହିଳା ଏବଂ ୨ କୋଟି ୬୦ ଲକ୍ଷ ନବଜାତ ଶିଶୁଙ୍କୁ ସାମିଲ କରାଯାଇପାରିଛି ବୋଲି ମନ୍ତ୍ରଣାଳୟ କହିଛି ।

## ସଞ୍ଜୟ ସେଠ୍- ମାଡାଗାସ୍କାର୍ ଭିଜିଟ୍

ମାଡାଗାସ୍କାର୍‌ର ୬୫ତମ ସ୍ୱାଧୀନତା ଦିବସ ପାଳନ ସମାରୋହରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଭାରତର ପ୍ରତିନିଧି ଭାବେ ଯୋଗ ଦେଇଛନ୍ତି । ଏକ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ଶ୍ରୀ ସେଠ୍ ସେଠାକାର ସଶସ୍ତ୍ର ବାହିନୀ ମନ୍ତ୍ରୀ ଲେଫ୍ଟନାଣ୍ଟ ଜେନେରାଲ୍ ସାହି ଭେଲୋ ଲାଲା ମୋଞ୍ଜା ଡେଲ୍‌ଫିନ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଦୁଇ ଦେଶ ମଧ୍ୟରେ ସୁରକ୍ଷା ଓ କ୍ଷମତା ନିର୍ମାଣ ସମେତ ପ୍ରତିରକ୍ଷା ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଦୁଇ ନେତା ମତ ବିନିମୟ କରିଛନ୍ତି । ଏତଦ୍‌ବ୍ୟତୀତ ଶ୍ରୀ ସେଠ୍ ମାଡାଗାସ୍କାର୍‌ର ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟିୟାନ୍ ସେଙ୍କୁ ସାକ୍ଷାତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୬୫ତମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ପରେ ଶ୍ରୀ ସେଠ୍ ଆଣ୍ଟାନା-ନାରିହୋ ଠାରେ ସେଠାକାର ଭାରତୀୟ ବଂଶୋଦ୍ଭବଙ୍କ ପକ୍ଷରୁ ଆୟୋଜିତ ଏକ ସମାରୋହରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଭାରତର ସାମଗ୍ରୀକ ବିକାଶ ସହିତ

ଅର୍ଥନୈତିକ ରୂପାନ୍ତରିକରଣ ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶ୍ରୀ ସେଠ୍ ଭାରତୀୟ ବଂଶୋଦ୍ଭବଙ୍କୁ ଅବଗତ କରାଇଛନ୍ତି ।

## ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆସନ୍ତାକାଲି ଚତୁର୍ଦ୍ଧା ମୂର୍ତ୍ତି ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ କରିବେ ।

ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଇତିମଧ୍ୟରେ ପୁରୀ ବଡ଼ଦାଣ୍ଡରେ ଗତକାଲି ଅଟକି ରହିଥିବା ତିନୋଟିଯାକ ରଥକୁ ଆଜି ସକାଳୁ ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣିନେଇଛନ୍ତି । ରଥ ଉପରେ ପରମ୍ପରା ଅନୁଯାୟୀ  ମଙ୍ଗଳ ଆଳତୀ, ଠାକୁରଙ୍କର ବେଶ ସହ ତଡ଼ପଲାଗି ନୀତି ଅନୁଷ୍ଠିତ ହୋଇଥିଲା । ରଥ ଉପରେ ଶ୍ରୀଜୀଉଙ୍କର ଆଜି ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେଉଛି । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଉପରେ ଦର୍ଶନ କରିବା ଲାଗି ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି । ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ପୁଟିନ୍- ଫେସ୍ ଟକ୍ସ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ କହିଛନ୍ତି, ୟୁକ୍ରେନ୍ ସହିତ ପୁନଃ ପ୍ରତ୍ୟକ୍ଷ ଶାନ୍ତି କଥାବାର୍ତ୍ତା ଲାଗି ମସ୍କୋ ପ୍ରସ୍ତୁତ ଅଛି । ଉଭୟ ପକ୍ଷରୁ ଡ୍ରୋନ୍ ଆକ୍ରମଣ ଜାରି ରହିଥିବା ସତ୍ତ୍ୱେ ଅଧିକାରୀ ସ୍ତରରେ ଅସ୍ତ୍ରବିରତି ଲାଗି ସର୍ତ୍ତ ନିର୍ଦ୍ଧାରଣ କରିବା ନିମନ୍ତେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକର ସମୟ ଓ ସ୍ଥାନ ନିରୁପଣ କରିବା ଉପରେ ଆଲୋଚନା ଜାରି ରହିଛି ବୋଲି ବେଲାରୁଷ ଗସ୍ତ ଅବସରରେ ଶ୍ରୀ ପୁଟିନ କହିଛନ୍ତି । ପୂର୍ବରୁ ଇସ୍ତାନବୁଲ୍ ଠାରେ ଅନୁଷ୍ଠିତ ଶାନ୍ତି କଥାବାର୍ତ୍ତା ବିଫଳ ହୋଇଥିଲା ।

## ଗାଜା-କିଲ୍ସ

ଇସ୍ରାଏଲ୍‌ର ବିମାନ ଆକ୍ରମଣ ଦ୍ୱାରା ଗତକାଲି ରାତିରୁ ଆଜି ପୂର୍ବାହ୍ନ ମଧ୍ୟରେ ଗାଜାରେ ୪୯ ଜଣଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ସିଫା ହସ୍ପିଟାଲ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମୃତକଙ୍କ ମଧ୍ୟରୁ ୧୨ ଜଣ ପାଲେଷ୍ଟାଇନ୍ ଷ୍ଟାଡିୟମ୍ ନିକଟରେ ଏବଂ ୮ ଜଣ ନିକଟସ୍ଥ ଅଟ୍ଟାଳିକାରେ ଆଶ୍ରୟ ନେଇଥିବା ସମୟରେ ଏହି ଆକ୍ରମଣ ହୋଇଥିଲା । ଦୁଇ ଦେଶ ମଧ୍ୟରେ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଏକ ସପ୍ତାହ ସୁଦ୍ଧା ଦ୍ୱିପକ୍ଷ ମଧ୍ୟରେ ଅସ୍ତ୍ରବିରତି ରାଜିନାମା ସ୍ୱାକ୍ଷରିତ କରାଯିବ ।

ଇସ୍ରାଏଲ୍‌ର ରଣନୈତିକ ବ୍ୟାପାର ମନ୍ତ୍ରୀ ରନ୍ ଡର୍‌ମେର୍ ଏ ସମ୍ପର୍କରେ କଥାବାର୍ତ୍ତା ଲାଗି ଖୁବ୍ ଶୀଘ୍ର ୱାଶିଂଟନ୍‌ରେ ପହଞ୍ଚିବାର ଆଶା କରାଯାଉଛି ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ୨୦୨୩ ଅକ୍ଟୋବର ମାସରୁ ଆରମ୍ଭ ହୋଇଥିବା ଏହି ଦ୍ୱନ୍ଦ୍ୱ ଯୋଗୁଁ ଏ ପର୍ଯ୍ୟନ୍ତ ୫୦ ଜଣ ପଣବନ୍ଦୀ ହମାସ ଅଧୀନରେ ରହିଥିବା ଜଣାଯାଇଛି ।